# NATIONAL NEWS BULLETIN (ODIA)

## 22nd May - 2025

## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଶୁଭେନ୍ଦୁ କୁମାର ପଣ୍ଡା**

## ମୁଖ୍ୟ ସମ୍ବାଦ

- ଅପରେସନ ସିନ୍ଦୂର ଅଧୀନରେ ଆତଙ୍କବାଦୀ ଶିବିରଗୁଡ଼ିକୁ ନଷ୍ଟ କରି ଭାରତ ପାକିସ୍ତାନକୁ ଉଚିତ ଜବାବ ଦେଇଛି; କହିଲେ ପ୍ରଧାନମନ୍ତ୍ରୀ ।

— ରାଜସ୍ଥାନର ପାଲାନାଠାରେ ୨୬ ହଜାର କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପକୁ କଲେ ଲୋକାର୍ପଣ ।

- ବାସଗୃହ ଆବଣ୍ଟନ ବ୍ୟବସ୍ଥାରେ ଭିନ୍ନକ୍ଷମଙ୍କୁ ୪ ପ୍ରତିଶତ ସଂରକ୍ଷଣ ଦେବାକୁ ସରକାରଙ୍କ ନିଷ୍ପତ୍ତି ।

- ଓ୍ୱାକଫ୍ ସଂଶୋଧନ ଆଇନ ସଂକ୍ରାନ୍ତ ଆବେଦନ ଉପରେ ମଧ୍ୟବର୍ତ୍ତୀକାଳୀନ ଆଦେଶନେଇ ଶୁଣାଣି ଶେଷ, ରାୟ ସଂରକ୍ଷିତ ।

- ପ୍ରଧାନମନ୍ତ୍ରୀ ଇ-ଡ୍ରାଇଭ୍ ଯୋଜନା ଅଧୀନରେ ବୈଦ୍ୟୁତିକ ବସ୍ ଚଳାଚଳ ନେଇ ଭାରୀ ଶିଳ୍ପମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜିର ମ୍ୟାଚ୍‌ରେ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଲା ଗୁଜୁରାଟ ଟାଇଟନ୍‌ସ ।

## ପି.ଏମ୍. - ଅମୃତ ଷ୍ଟେସନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଭାରତ ଅପରେସନ୍ ସିନ୍ଦୂରର ଅଧୀନରେ ଆତଙ୍କବାଦୀଙ୍କ ଶିବିରଗୁଡ଼ିକୁ ନଷ୍ଟକରି ପାକିସ୍ତାନକୁ ଉଚିତ ଜବାବ ଦେଇଛି । ସରକାର ସଶସ୍ତ୍ର ବାହିନୀକୁ ଏ ପ୍ରସଙ୍ଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ପୂର୍ଣ୍ଣ ସ୍ୱାଧୀନତା ଦେଇଛନ୍ତି, ଯାହାଫଳରେ ତିନି ସେନାଙ୍କ ସମନ୍ୱୟରେ ପାକିସ୍ତାନକୁ ପରାସ୍ତ କରିବାରେ ଭାରତ ସକ୍ଷମ ହୋଇଛି ବୋଲି ସେ କହିଛନ୍ତି । ପାକିସ୍ତା କେବେବି ଭାରତ ସହିତ ସିଧାସଳଖ ଯୁଦ୍ଧକରି ବିଜୟଲାଭ କରିପାରିବ ନାହିଁ । ସେଥିପାଇଁ ଆତଙ୍କବାଦକୁ ପ୍ରୋତ୍ସାହନ ଦେଇ ପରୋକ୍ଷ ଯୁଦ୍ଧ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ରାଜସ୍ଥାନର ବିକାନେର୍‌ରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବା ଅବସରରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି ।

ସେ କହିଛନ୍ତି, ଆତଙ୍କବାଦ ବିରୋଧରେ ଲଢ଼ିବାପାଇଁ ୩ଟି ନୀତିକୁ ନେଇ ଅପରେସନ୍ ସିନ୍ଦୂର ଅଭିଯାନ ଆରମ୍ଭ ହୋଇଛି । ଭାରତ ପ୍ରତ୍ୟେକ ଆତଙ୍କବାଦୀ ଆକ୍ରମଣର ଉଚିତ ଜବାବ ଦେବ ଏବଂ ଏଥିପାଇଁ ସଶସ୍ତ୍ର ବାହିନୀ ତା'ର ରଣନୀତି ସ୍ଥିର କରିବ । ଭାରତ ପରମାଣୁ ଧମକକୁ ଭୟ

କରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଛନ୍ତି । ଭାରତ' ଆତଙ୍କବାଦର ନେତୃତ୍ୱ ତଥା ଆତଙ୍କବାଦକୁ ପ୍ରଶ୍ରୟ ଦେଉଥିବା ଦେଶର ସରକାରକୁ ସମ ଦୃଷ୍ଟିରେ ଦେଖୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପହଲଗାମ୍‌ରେ ହୋଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣ ପରେ ଦେଶବାସୀ ଆତଙ୍କବାଦକୁ ନିପାତ କରିବାକୁ ସଙ୍କଳ୍ପ ନେଇଥିଲେ ଏବଂ ସଶସ୍ତ୍ର ବାହିନୀର ବୀରତ୍ୱ ଆଧାରରେ ଦେଶ ସେହି ପ୍ରତିଶ୍ରୁତି ପୂରଣ କରିବାରେ ସକ୍ଷମ ହୋଇପାରିଥିଲା ବୋଲି ଶ୍ରୀ ମୋଦି କହିଛନ୍ତି । ସେ କହିଛନ୍ତି, ଭାରତ ସ୍ପଷ୍ଟ କରିଛି, ପ୍ରତ୍ୟେକ ଆତଙ୍କବାଦୀ ଆକ୍ରମଣ ପାଇଁ ପାକିସ୍ତାନକୁ ମୂଲ୍ୟ ଦେବାକୁ ପଡ଼ିବ । ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିଛନ୍ତି, ପାକିସ୍ତାନ ସହିତ ଭାରତର କୌଣସି ବାଣିଜ୍ୟିକ ସମ୍ପର୍କ କରିବା ନେଇ କଥାବାର୍ତ୍ତା ହେବ ନାହିଁ ଏବଂ କେବଳ ପାକିସ୍ତାନ ଅଧିକୃତ କାଶ୍ମୀର ପ୍ରସଙ୍ଗ ଉପରେ ହିଁ ଭାରତ କଥାବାର୍ତ୍ତା କରିବ ।

ପୂର୍ବରୁ ବିକାନେର୍‌ର ପାଲାନାଠାରେ ଏକ ସାଧାରଣ ସଭାରେ ଯୋଗଦେଇ ପ୍ରଧାନମନ୍ତ୍ରୀ ୨୬ ହଜାର କୋଟି ଟଙ୍କାର ବହୁବିଧ ଉନ୍ନୟନମୂଳକ ଯୋଜନାଗୁଡ଼ିକୁ ଦେଶ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି । ଏହି ଅବସରରେ ଶ୍ରୀ ମୋଦି ଦେଶର ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୮୬ଟି ଜିଲ୍ଲାରରେ ୧୦ ହଜାର ୧୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ୧୦୩ଟି ପୁନଃ ବିକଶିତ ଅମୃତ ଷ୍ଟେସନ୍ ଶୁଭାରମ୍ଭ କରିଥିଲେ । ଅମୃତ ଭାରତ ଷ୍ଟେସନ୍ ଯୋଜନା ଅଧୀନରେ ୧ ହଜାର ୩୦୦ରୁ ଊର୍ଦ୍ଧ୍ୱ

ପୁନଃବିକଶିତ ରେଳଷ୍ଟେସନରେ ବିଭିନ୍ନ ଆଧୁନିକ ସୁବିଧା ସହିତ ଯାତ୍ରୀମାନଙ୍କପାଇଁ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ରହିଛି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଗୁରୁତ୍ୱାରୋପ କରି କହିଛନ୍ତି, ଏହି ଅମୃତ ଭାରତ ଷ୍ଟେସନ୍‌ଗୁଡ଼ିକରେ ଦେଶର ହଜାରେ ବର୍ଷର ପୁରାତନ ଐତିହ୍ୟକୁ ସ୍ଥାନିତ କରାଯିବା ସହ ପର୍ଯ୍ୟଟନ କ୍ଷେତ୍ରକୁ ବିକଶିତ କରିବାପାଇଁ ଯୁବକମାନଙ୍କପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରିଛି ।

***Voice (PM)*** :.........

ଏହି ଅବସରରେ ପ୍ରଧାନମନ୍ତ୍ରୀ ବିକାନେର୍-ମୁମ୍ବାଇ ନୂତନ ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଗତ ୧୧ ବର୍ଷ ମଧ୍ୟରେ ଦେଶରେ ଦୃଢ଼ ଭିତ୍ତିଭୂମି ନିର୍ମାଣ ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଆଧୁନିକ ସଡ଼କ ଏବଂ ରେଳ ଭିତ୍ତିଭୂମି ନିର୍ମାଣ ପାଇଁ ସରକାର ଅନେକ ପଦକ୍ଷେପ ନେଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

କାର୍ଯ୍ୟକ୍ରମରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗଦେଇ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ଦେଶରେ ୩୪ ହଜାର ନୂତନ ରେଳ ଲାଇନ୍ ନିର୍ମାଣ କରାଯାଇଛି । ଯାତ୍ରୀମାନଙ୍କପାଇଁ ଅମୃତ ଭାରତ, ନମୋ ଭାରତ, ବନ୍ଦେ ଭାରତ ଟ୍ରେନ୍ ଆରମ୍ଭ କରାଯାଇଥିବା ସହ ଆସନ୍ତା ୨୦୨୭ ସୁଦ୍ଧା ୫୦୦ ରେଳ ଷ୍ଟେସନକୁ ପୁନଃ ବିକଶିତ କରାଯିବ ।

## ଗୋଆ - ଭାଇସ୍ ପ୍ରେସିଡେଣ୍ଟ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ୍ ପ୍ରମାଣ ଆଧାରିତ ବୈଧତା, ଡିଜିଟାଇଜେସନ୍, ଅନୁବାଦ ଏବଂ ବିଭିନ୍ନ ବିଷୟ ଅଧ୍ୟୟନ ମାଧ୍ୟମରେ ଭାରତର ପ୍ରାଚୀନ ଜ୍ଞାନ ପ୍ରଣାଳୀକୁ ପୁନର୍ଜୀବିତ କରିବାପାଇଁ ଗୁରୁତ୍ୱାରୋପ କରିଛନ୍ତି । ଚରକ ଏବଂ ସୁଶ୍ରୁତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ପରେ ଗୋଆସ୍ଥିତ ରାଜଭବନରେ ଶ୍ରୀ ଧନଖଡ଼୍ ପାରମ୍ପରିକ ପାଠ୍ୟକ୍ରମଗୁଡ଼ିକୁ ସହଜ ଏବଂ ସମସାମୟିକ ଆହ୍ୱାନଗୁଡ଼ିକୁ ଦୃଷ୍ଟିରେ ରଖି ପ୍ରାସଙ୍ଗିକତା କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ।

## ପି.ଡବ୍ଲ୍ୟୁ.ଡି. ହାଉସିଂ ରିଜର୍ଭେସନ୍

ସରକାର ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ କେନ୍ଦ୍ର ସରକାରଙ୍କ ବାସଗୃହ ଆବଣ୍ଟନରେ ୪ ପ୍ରତିଶତ ସଂରକ୍ଷଣ ଘୋଷଣା କରିଛନ୍ତି । ଜନସେବାରେ ସମାନତା, ମର୍ଯ୍ୟାଦା ଏବଂ ସୁଗମତା ବଜାୟ ରଖିବାପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି । ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ୍ ସମାବେଶୀ ବିକାଶକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନେଇଛନ୍ତି । ଭିନ୍ନକ୍ଷମ

ବ୍ୟକ୍ତିମାନଙ୍କପାଇଁ ସରକାରଙ୍କ ଆବାସିକ ବାସଗୃହ ଆବଣ୍ଟନ କ୍ଷେତ୍ରରେ ଏହା ସ୍ୱଚ୍ଛତା ଆଣିବ ବୋଲି ଶ୍ରୀ ଲାଲ୍ କହିଛନ୍ତି ।

## ଏସ୍.ସି. - ୱାକଫ୍

ସୁପ୍ରିମକୋର୍ଟ ୱାକଫ୍ ସଂଶୋଧନ ଆଇନ-୨୦୨୫କୁ ବିରୋଧ କରି ଦାଏର କରାଯାଇଥିବା ଏକ ଆବଦେନ ଉପରେ ମଧ୍ୟବର୍ତ୍ତୀକାଳୀନ ଆଦେଶ ଆଜି ସଂରକ୍ଷିତ ରଖିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ବି.ଆର୍. ଗବାଇ ଏବଂ ବିଚାରପତି ଜଷ୍ଟିସ୍ ଅଗଷ୍ଟାଇନ୍ ଜଜ୍ ମାସିଙ୍କୁ ନେଇ ଗଠିତ ଖଣ୍ଡପୀଠ ୩ ଦିନ ଧରି ଅନ୍ତରୀଣ ଆଦେଶ ଉପରେ ମାମଲାର ଶୁଣାଣି କରିଥିଲେ । ପ୍ରଧାନ ବିଚାରପତି କହିଥିଲେ, ୱାକଫ୍ ପଞ୍ଜୀକରଣର ଆବଶ୍ୟକତା ୧୯୨୩ ଏବଂ ୧୯୫୪ର ପୂର୍ବ ଆଇନ୍ ଅନୁଯାୟୀ ରହିଛି । ଆବେଦନକାରୀମାନଙ୍କ ପକ୍ଷରୁ ଗତ ମଙ୍ଗଳବାର ଦିନ ଯୁକ୍ତି ଉପସ୍ଥାପନ କରାଯାଇଥିଲା । ପରେ ଗତକାଲି ଏବଂ ଆଜି ସରକାରଙ୍କ ପକ୍ଷରୁ ଏହାର ଜବାବ ରଖାଯାଇଥିଲା । ସଲିସିଟର୍ ଜେନେରାଲ୍ ତୁଷାର ମେହେଟ୍ଟା ସରକାରଙ୍କ ପକ୍ଷରୁ ଏହି ମାମଲାର ପରିଚାଳନା କରିଥିଲେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହମତି ପାଇବା ପରେ ସରକାର ଗତମାସରେ ୱାକଫ୍ ସଂଶୋଧନ ଆଇନ, ୨୦୨୫ ସମ୍ପର୍କରେ ବିଜ୍ଞପ୍ତି ଜାରି କରିଥିଲେ ।

# କୁମାରସ୍ୱାମୀ - ପି.ଏମ୍. ଇ-ଡ୍ରାଇଭ୍ ସ୍କିମ୍

ନୂଆଦିଲ୍ଲୀରେ କେନ୍ଦ୍ର ଭାରୀ ଶିଳ୍ପମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କ ଅଧ୍ୟକ୍ଷତାରେ ପ୍ରଧାନମନ୍ତ୍ରୀ ଇ-ଡ୍ରାଇଭ୍ ଯୋଜନା ଅଧୀନରେ ବୈଦ୍ୟୁତିକ ବସ୍ ଚଳାଚଳ ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ତେଲଙ୍ଗାନା, କର୍ଣ୍ଣାଟକ, ଦିଲ୍ଲୀ ଏବଂ ଗୁଜରାଟ ରାଜ୍ୟରେ ବୈଦ୍ୟୁତିକ ବସ୍ ଚଳାଚଳ ବିଷୟରେ ବୈଠକରେ  ଆଲୋଚନା ହୋଇଥିଲା । ମନ୍ତ୍ରଣାଳୟ ସୂଚନା ଅନୁସାରେ, ପ୍ରଧାନମନ୍ତ୍ରୀ ଇ-ଡ୍ରାଇଭ୍ ଯୋଜନା ଅଧୀନରେ ଏହି ପର୍ଯ୍ୟାୟରେ ବେଙ୍ଗାଲୁରୁକୁ ୪ ହଜାର ୫୦୦, ହାଇଦ୍ରାବାଦକୁ ୨ ହଜାର, ଦିଲ୍ଲୀକୁ ୨ ହଜାର ୮୦୦, ଅହମ୍ମଦାବାଦକୁ ୧ ହଜାର ଏବଂ ସୁରତ୍‌କୁ ୬୦୦ ବସ୍ ଯୋଗାଇ ଦିଆଯିବ । କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଭାରତ ସ୍ଥାୟୀ ସହରାଞ୍ଚଳ ଗତିଶୀଳତା ଦିଗରେ ଦୃଢ଼ ପଦକ୍ଷେପ ନେଉଛି । ସରକାର କେବଳ ବୈଦ୍ୟୁତିକ ବସ୍ ଯୋଗାଉ ନାହାନ୍ତି; ବରଂ ନବସୃଜନ ତଥା ପରିବେଶଗତ ଚେତନାକୁ ଦୃଷ୍ଟିରେ ରଖି ଦେଶର ପରିବହନ ବ୍ୟବସ୍ଥାର ଭବିଷ୍ୟତକୁ ଗୁରୁତ୍ୱ ଦେଉଛନ୍ତି । ଦେଶରେ ସ୍ଥାୟୀ ପରିବହନ ଦୃଷ୍ଟିକୋଣକୁ ସୁଦୃଢ଼ କରିବାପାଇଁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରିବାପାଇଁ କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

## ଜୟଶଙ୍କର - ଇସ୍ରାଏଲ୍ ଡିପ୍ଲୋମାଟ୍

ଆମେରିକାର ୱାଶିଙ୍ଗ୍‌ଟନ ଡି.ସି.ରେ ଇସ୍ରାଏଲ୍ କୂଟନୀତିଜ୍ଞଙ୍କ ହତ୍ୟା ଘଣଣାକୁ ନେଇ ଭାରତ ଦୃଢ଼ ନିନ୍ଦା କରିଛି । ସାମାଜିକ ଗଣମାଧ୍ୟମରେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଅଦାଲତରେ ହାଜର କରାଯିବାର ଆବଶ୍ୟକତା ରହିଛି । ଶୋକସନ୍ତପ୍ତ ପରିବାର ଏବଂ ତାଙ୍କର ସହକର୍ମୀମାନଙ୍କୁ ସେ ଗଭୀର ସମବେଦନା ଜଣାଇଛନ୍ତି ।

## ବି.ଜେ.ପି. ସ୍କିମ୍

ବି.ଜେ.ପି. କହିଛି, ତାଙ୍କ ସରକାରଙ୍କଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ସାମାଜିକ ଯୋଜନାଗୁଡ଼ିକ ଦେଶର ଗରିବ ବର୍ଗର ଉନ୍ନତୀକରଣ ଦିଗରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ରାଷ୍ଟ୍ରୀୟ ମୁଖପାତ୍ର ତୁହିନ ସିହ୍ନା କହିଛନ୍ତି, ସରକାରଙ୍କ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ମହିଳା ସଶକ୍ତୀକରଣକୁ ପ୍ରୋତ୍ସାହିତ କରିବାରେ ଏକ ଉଦାହରଣ ସୃଷ୍ଟି କରିଛି । ବର୍ତ୍ତମାନ ସାରା ଦେଶରେ ପ୍ରାୟ ୧୦ କୋଟି ୩୩ ଲକ୍ଷ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ସଂଯୋଗୀକରଣ କରାଯାଇଛି ବୋଲି ଶ୍ରୀ ସିହ୍ନା

କହିଛନ୍ତି । ସେ କହିଛନ୍ତି, ଏହି ଯୋଜନା ଅଧୀନରେ ପ୍ରଦାନ କରାଯାଇଥିବା ଗ୍ୟାସ୍ ସଂଯୋଗର ୮୫ ପ୍ରତିଶତରୁ ଅଧିକ ନିୟମିତ ଭାବେ ବ୍ୟବହୃତ ହେଉଛି ।

## ଜେ.କେ. - ଏନ୍କାଉଣ୍ଟର

ଜମ୍ମୁ-କାଶ୍ମୀରର କିସ୍ତଓ୍ୱାଡ଼ା ଜିଲ୍ଲାର ସିଂପୋରା ଚାଟ୍ରୁ ଜଙ୍ଗଲାଞ୍ଚଳରେ ସୁରକ୍ଷା ବାହିନୀ ଏବଂ ଆତଙ୍କବାଦୀ ମଧ୍ୟରେ ମୁହାଁମୁହିଁ ସଂଘର୍ଷ ହୋଇଛି । ଆମ ଜମ୍ମୁ ସମ୍ବାଦଦାତାଙ୍କ ରିପୋର୍ଟ ଅନୁସାରେ ଏକ ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ଶାରି ଏବଂ ମାଣ୍ଡ୍ରାଲ୍ ଢୋକ୍ ଅଞ୍ଚଳରେ ଥିବା ଜଙ୍ଗଲରେ ପୁଲିସ ଓ ସେନାର ମିଳିତ ଅଭିଯାନରେ ଆତଙ୍କବାଦୀଙ୍କ ସହ ଗୁଳି ବିନିମୟ ହୋଇଥିଲା । ଏଥିରେ ଜଣେ ଯବାନଙ୍କ ପ୍ରାଣହାନୀ ଘଟିବା ସହ ଜଙ୍ଗଲ ମଧ୍ୟରେ ଦୁଇରୁ ତିନି ଜଣ ଆତଙ୍କବାଦୀ ଲୁଚି ରହିଥିବା ସନ୍ଦେହ କରାଯାଉଛି । ପୁଲିସ୍ ପକ୍ଷରୁ ଗୁଳି ବିନିମୟ ସହ ତଲାସୀ ଅଭିଯାନ ଜାରି ରହିଛି ।

# ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଉ କିଛି ସମୟ ପରେ ଗୁଜୁରାଟ ଟାଇଟନ୍‌ସ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଖେଳାଯିବ । ଗୁଜରାଟ ଟାଇଟନ୍‌ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ସୂଚନାଯୋଗ୍ୟ, ପଏଣ୍ଟ ଟେବୁଲ ଶୀର୍ଷରେ ଥିବା ଗୁଜୁରାଟ ଟାଇଟନ୍ସ ପ୍ଲେ ଅପ୍‌ରେ ପହଞ୍ଚି ସାରିଛି । ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ୧୦ ପଏଣ୍ଟ ପାଇ ଟେବୁଲର ସପ୍ତମ ସ୍ଥାନରେ ରହିଥିବାବେଳେ ପ୍ଲେଅପ୍‌ରୁ ବାଦ୍ ପଡିଛି ।

*****